# ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), *e-mail :-* aoubea@gmail.com

*ସ୍ଥାପିତ* - ୦୭-୦୮-୧୯୭୭, *ରେଜିଷ୍ଟ୍ରେସନ ନଂ .:-* ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*ମୋବାଇଲ୍ ନଂ.:-* ସଭାପତି – ସାଥି ଉପେନ୍ଦ୍ର ମହାନ୍ତି - 94372 72600, ସାଧାରଣ ସମ୍ପାଦକ – ସାଥି ଅଜୟ କୁମାର ମହାନ୍ତି - 94396 17325

*ମୁଖ୍ୟ କାର୍ଯ୍ୟାଳୟ -* ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ହୋଟେଲ୍ କ୍ରାଉନ ପାଖ, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧ ୦୧୫


*ପରିପତ୍ର ସଂଖ୍ୟା :-* ୧୪-୨୦୧୮ — ଭୁବନେଶ୍ୱର

*ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,* — ୦୨.୦୬.୨୦୧୮

ପ୍ରିୟ କମ୍ରେଡ୍,

# -: କର୍ମଚାରୀ ସଙ୍ଗଠନର ଦାୟିତ୍ୱବଦ୍ଧତା ଉପରେ ପ୍ରଶ୍ନବାଚୀ :-

## କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ନା, କର୍ମଚାରୀ-ସ୍ୱାର୍ଥ-ବିରୋଧି ନୀତି ପ୍ରଣୟନ ପାଇଁ କର୍ତ୍ତୃପକ୍ଷଙ୍କ ସହିତ ହାତ ମିଳାଇବା :-

ଆପଣମାନେ ଜାଣିଛନ୍ତି ଯେ, ବ୍ୟାଙ୍କ ନିଜସ୍ୱ ଲାଭରୁ କିଛି ଅଂଶ ନିଜର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନଙ୍କ କଲ୍ୟାଣ ପାଇଁ ବ୍ୟୟ ବରାଦ କରିଥାଏ । ତତ୍‌ଜନିତ ଆର୍ଥିକ ସୁବିଧା ଆମେମାନେ "ୟୁନିୟନ ପରିବାର"ର "Staff Welfare Measures" Module ମାଧ୍ୟମରେ ପାଇ ଆସୁଥିଲୁ । ମାତ୍ର, ବ୍ୟାଙ୍କ କର୍ତ୍ତୃପକ୍ଷ ବିନା ସୂଚନାରେ ଗତ ଅପ୍ରେଲ ମାସ ୧ ତାରିଖରୁ ହଠାତ୍ "Staff Welfare Measures"ର ଏହି ଆର୍ଥିକ ସୁବିଧାଗୁଡିକୁ ବନ୍ଦ କରିଦେଲେ । ଯଥା -

୧.- "କ୍ୟାଣ୍ଟିନ୍ ସବ୍‌ସିଡି"କୁ ଟ୨୦୦/-ଙ୍କାରୁ ଟ୭୫/-ଙ୍କାକୁ କମାଇ ଦେଲେ ।

୨.- ଅନ୍ୟାନ୍ୟ ସମସ୍ତ କର୍ମଚାରୀ କଲ୍ୟାଣମୂଳକ ଯୋଜନାକୁ ବର୍ତ୍ତମାନ ପାଇଁ ବନ୍ଦ କରିଦେଲେ ।

"ୟୁନିୟନ ପରିବାର"ରେ ସାମିଲ ଥିବା ନିଜର କର୍ମଚାରୀମାନଙ୍କୁ ଏ ବାବଦରେ ସାମାନ୍ୟ ପ୍ରାକ୍-ସୂଚନା ପ୍ରଦାନ କରିବାକୁ ମଧ୍ୟ କର୍ତ୍ତୃପକ୍ଷ ଉଚିତ ମଣିଲେ ନାହିଁ । ତେବେ ଯାହା ହେଉ, ଦୀର୍ଘ ଦିନ ପରେ, କର୍ତ୍ତୃପକ୍ଷ ନିଜ ଦ୍ୱାରା ପ୍ରାୟୋଜିତ ତଥାକଥିତ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ "AIBEA"ର ନେତୃତ୍ୱଙ୍କୁ ଗତ ତା୨୧.୦୫.୨୦୧୮ରିଖରେ ଡକାଇ, ନିଜର ନିଷ୍ପତ୍ତି ସଂପର୍କରେ ଜଣାଇଦେଲେ । କେବଳ ସେତିକି ନୁହେଁ, କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କର୍ମଚାରୀ ବିରୋଧି ପଦକ୍ଷେପ ସମ୍ବନ୍ଧରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଚାର କରାଇବାର ଦାୟିତ୍ୱ ମଧ୍ୟ "AIBEA"ର ନେତୃତ୍ୱ ନେଲେ । ଅତୀତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅନେକ ମନମୁଖି କର୍ମଚାରୀ ବିରୋଧି ପଦକ୍ଷେପକୁ ସକାରାତ୍ମକ ଢଙ୍ଗରେ ଆପଣେଇ ନେବାକୁ ନିଜର ସଦସ୍ୟମାନଙ୍କୁ ପରାମର୍ଶ ଦେବାର ବହୁତ ନଜିର "AIBEA" ନେତୃତ୍ୱଙ୍କ ପାଖରେ ଅଛି । "AIBEA" ନେତୃତ୍ୱ ଏହାକୁ ନିଜର ଦାୟିତ୍ୱ ବୋଲି ଧରିନେଇଛନ୍ତି ଯାହାଦ୍ୱାରା କି, ସେମାନେ କର୍ତ୍ତୃପକ୍ଷଙ୍କର ବିଶ୍ୱାସଭାଜନ ହୋଇପାରିଛନ୍ତି । ଏ ସମସ୍ତ ଘଟଣାର ପର୍ଦ୍ଦାଫାସ ସେମାନେ ନିଜେ ହିଁ ନିଜର ସର୍କ୍ୟୁଲାର ମାଧ୍ୟମରେ କରାଇଛନ୍ତି ।

ତେବେ ଯାହାହେଉ, ଆମର ସର୍ବଭାରତୀୟ ଫେଡେରେସନ ୟୁନିୟନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଏହି ପଦକ୍ଷେପକୁ ଦୃଢ ବିରୋଧ କରି ବ୍ୟାଙ୍କର ପରିଚାଳନା ମୁଖ୍ୟଙ୍କ ନିକଟକୁ ପତ୍ର ଲେଖିଅଛି । ପୁନଶ୍ଚ, କେବଳ ପ୍ରତିବାଦର ପତ୍ର ଲେଖିଦେଇ ଚୁପ୍ ହୋଇ ନ ବସି ଏ ବାବଦରେ ନିମ୍ନମତେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ, ଫେଡେରେସନ ଆହ୍ୱାନ ଦେଇଅଛି । ଏହି ଦାୟିତ୍ୱକୁ ଗମ୍ଭୀରତାର ସହିତ ଆମକୁ ପାଳନ କରିବାକୁ ହେବ ।

| *ତାରିଖ* | *ବାର* | *କାର୍ଯ୍ୟକ୍ରମ* |
|---|---|---|
| ଜୁନ୍ ୪, ୨୦୧୮ | ସୋମବାର | ଶାଖାସ୍ତରରେ ବିକ୍ଷୋଭ |
| ଜୁନ୍ ୧୯, ୨୦୧୮ | ମଙ୍ଗଳବାର | ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ପ୍ରତି ସଦସ୍ୟଙ୍କ ତରଫରୁ "ସ୍ମାରକପତ୍ର" ପ୍ରଦାନ |

କର୍ମଚାରୀଙ୍କ ଅଧିକାରକୁ ଯଦି ବ୍ୟାଙ୍କ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରନ୍ତି, ତାହା କିପରି ଲଢାଇ କରି ଛଡାଇ ନେଇ ହୁଏ, ତାହା ଆମର ସର୍ବଭାରତୀୟ ଫେଡେରେସନ ବହୁବାର ପ୍ରମାଣିତ କରି ଦେଖାଇଅଛି । କିନ୍ତୁ ବିଡମ୍ବନାର ବିଷୟ ଏହି କି, ଯେତେବେଳେ ଫେଡେରେସନ କର୍ମଚାରୀଙ୍କ ଅଧିକାରକୁ ବଞ୍ଚାଇବାକୁ କର୍ତ୍ତୃପକ୍ଷଙ୍କ ସହିତ ନ୍ୟାୟିକ ସଂଘର୍ଷ ଲଢୁଅଛି, ସେତେବେଳେ "AIBEA" ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ କର୍ମଚାରୀଙ୍କ ଅଧିକାରକୁ ସମର୍ପଣ କରି ଗୋଟିଏ ପରେ ଗୋଟିଏ ରାଜିନାମା ସ୍ୱାକ୍ଷର କରି ଚାଲିଅଛି । ଏହାର ସଦ୍ୟତମ ଉଦାହରଣ ହେଉଛି, କେନ୍ଦ୍ର ବିମୁଦ୍ରାକରଣ ସମୟର "OVER TIME" ଭତ୍ତା ପାଇବାର ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ଏହି ସ୍ୱୀକୃତିପ୍ରାପ୍ତ ସଙ୍ଗଠନ "AIBEA" ସଂଗ୍ରାମ କରିବା ତ ଦୂରର କଥା, କର୍ତ୍ତୃପକ୍ଷଙ୍କ ନିକଟରେ ଦାବୀ ମଧ୍ୟ ଉତ୍‌ଥାପନ କରିବାର ଦାୟିତ୍ୱ ମଧ୍ୟ ନେଲା ନାହିଁ । ମାତ୍ର ସେହି ଘଟଣାରେ ଆମର ସର୍ବଭାରତୀୟ ଫେଡେରେସନ ୟୁନିୟନ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ କଚେରୀର କାଠଗଡାରେ ଠିଆ କରାଇଦେବାର ଦୁଃସାହସ କରି ପାରିଲା । ଫେଡେରେସନର ଲଗାତାର ସଂଘର୍ଷ ଫଳରେ ସମଗ୍ର ଦେଶରେ କାର୍ଯ୍ୟରତ ୟୁନିୟନ ବ୍ୟାଙ୍କର ସମସ୍ତ କର୍ମଚାରୀ ନିଜର ନ୍ୟାୟୋଚିତ "OVER TIME" ଭତ୍ତା ପାଇପାରିଲେ । ତଥାପି ଏ ବାବଦରେ ଶତ ପ୍ରତିଶତ ସଫଳତା ହାସଲ ନ କରିପାରିବା ପର୍ଯ୍ୟନ୍ତ ସଂଗ୍ରାମ ଚାଲୁ ରହିବ ।

**୨-ଦିନିଆଁ ଧର୍ମଘଟ :-** ପୂର୍ବରୁ ତା୧୯.୧୨.୨୦୧୭ରିଖରେ ଜାରୀ ପରିପତ୍ର ସଂଖ୍ୟା ୩୨ ମାଧ୍ୟମରେ "୧୧ତମ ଦ୍ୱିପାକ୍ଷିକ ରାଜିନାମା" ସଂପର୍କୀତ ୬ଟି ପର୍ଯ୍ୟାୟର ଆଲୋଚନା ସମ୍ବନ୍ଧରେ ଅବଗତ କରାଇସାରିଛୁ । ଆଇ.ବି.ଏ. କର୍ତ୍ତୃପକ୍ଷ ଏବଂ ୟୁ.ଏଫ୍.ବି.ୟୁ. ମଧ୍ୟରେ ପରବର୍ତ୍ତୀ ୭ମ ପର୍ଯ୍ୟାୟ ଆଲୋଚନା ଗତ ତା୦୫.୦୫.୨୦୧୮ରିଖରେ ଅନୁଷ୍ଠିତ ହୋଇଯାଇଅଛି । ମାତ୍ର କ୍ଷୋଭର ବିଷୟ, ଏହି ଆଲୋଚନା କାଳରେ, ଆଇ.ବି.ଏ. କର୍ତ୍ତୃପକ୍ଷ ମାତ୍ର ୨% ମଜୁରୀ ବୃଦ୍ଧିର ପ୍ରସ୍ତାବ ରଖିବାରୁ ୟୁ.ଏଫ୍.ବି.ୟୁ.ର ନେତୃତ୍ୱ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏଣୁ ଏକ ଗ୍ରହଣଯୋଗ୍ୟ ମଜୁରୀ ବୃଦ୍ଧିର ପ୍ରସ୍ତାବ ଦାବୀରେ ଗତ ୩୦ ଏବଂ ୩୧ ତାରିଖ ୨-ଦିନ ଧରି ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟର ଡାକରା ଦେଇଥିଲେ । ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ଏବଂ ଅଫିସର ସାଥିମାନଙ୍କର ଐକବଦ୍ଧ ପ୍ରସ୍ତୁତି ବଳରେ ୟୁ.ଏଫ୍.ବି.ୟୁ. ଡାକରାରେ ଏହି ୪୮-ଘଣ୍ଟିଆଁ ଧର୍ମଘଟ ଏକ ଅଭୁତପୂର୍ବ ସଫଳତା ହାସଲ କରିଅଛି । ଆଗାମୀ ଦିନରେ ଏକ ବଡ ଧରଣର ସଂଘର୍ଷ ପାଇଁ ଆମ ସମସ୍ତଙ୍କୁ ସଜାଗ ରହିବାକୁ ପଡିବ ।

**ଅନୁରୋଧକ୍ରମେ ବଦଳି :-** ନିମ୍ନୋକ୍ତ "SWO-B" ସାଥିମାନଙ୍କର ଗତ ତା୧୮.୦୫.୨୦୧୮ରିଖରେ ବଦଳି ଆଦେଶ ହୋଇଅଛି ।

| କ୍ର.ନଂ. | ସାଥିଙ୍କ ନାମ | ବର୍ତ୍ତମାନର ଶାଖା | ପରବର୍ତ୍ତୀ ଶାଖା |
|---|---|---|---|
| ୧ | ସାଥି ସୁଧା ମଞ୍ଜରୀ ପଟ୍ଟନାୟକ | ନୟାପଲ୍ଲୀ | ଆର.ଓ., ଭୁବନେଶ୍ୱର |
| ୨ | ସାଥି ସଂହିତା ପଦ୍ମିନୀ ଦାସ | କେନ୍ଦ୍ରାପଡା | ନୟାପଲ୍ଲୀ |
| ୩ | ସାଥି ସୌମ୍ୟ ରଞ୍ଜନ ଦତ୍ତ | ଆର.ଓ., ଭୁବନେଶ୍ୱର<br>(ବର୍ତ୍ତମାନ ସାମନ୍ତପୁର ଶାଖାରେ କାର୍ଯ୍ୟରତ) | ବାଲୁଖଣ୍ଡ |
| ୪ | ସାଥି ଶିଶିର ଖଟୁଆ | କଟକ (ମୁଖ୍ୟ)<br>(ବର୍ତ୍ତମାନ ଗଉଳିଆଗଞ୍ଜ ଶାଖାରେ କାର୍ଯ୍ୟରତ) | କଲେଜ ଛକ |

**"S.W.O.-B" ପଦବୀ ପୂରଣ ପ୍ରକ୍ରିୟା :-** ବିଭିନ୍ନ ଶାଖାରେ ଦୀର୍ଘଦିନ ଧରି ଖାଲିପଡିଥିବା ନିମ୍ନୋକ୍ତ ୮ଟି "SWO-B" ପଦବୀ ପୂରଣ ନିମନ୍ତେ ନୋଡାଲ୍ ରିଜିଓନାଲ ଅଫିସ, ଭୁବନେଶ୍ୱର ସର୍କୁଲାର୍ ଜାରୀ କରି ଦରଖାସ୍ତ ଆହ୍ୱାନ କରିଥିଲେ । ଆମ ପାଖରେ ପହଞ୍ଚିଥିବା ଦରଖାସ୍ତର ନକଲ ମୁତାବକ ନିମ୍ନୋକ୍ତ ୩ ଜଣ ସାଥିଙ୍କର "SWO-B" ପଦବୀକୁ ଉନ୍ନୀତ ହେବାର ସମ୍ଭାବନା ଅଛି ।

| କ୍ର.ନଂ. | ଦରଖାସ୍ତ ଆହ୍ୱାନ କରାଯାଇଥିବା ଶାଖାର ନାମ | ନିଯୁକ୍ତି ପାଇଥିବା ସାଥିଙ୍କ ନାମ | କେଉଁ ଶାଖାରେ କାର୍ଯ୍ୟରତ |
|---|---|---|---|
| ୧ | କଟକ (ମୁଖ୍ୟ) | ସାଥି ଯାଜ୍ଞସେନୀ ବେହେରା | ଚଣ୍ଡୀ ଛକ |
| ୨ | ନୟାପଲ୍ଲୀ | ସାଥି ଦାମୋଦର ସାହୁ | ନୟାପଲ୍ଲୀ |
| ୩ | ସମ୍ବଲପୁର (ମୁଖ୍ୟ) – ୨ଟି ପଦବୀ | ସାଥି ସସ୍ମିତା ମହାଲିକ<br>(ଅନ୍ୟ ପଦବୀ ପାଇଁ କେହି "S.W.O.-A" ସାଥି ନାହାନ୍ତି) | ବରେଇପଲ୍ଲୀ |
| ୪ | ବ୍ରହ୍ମପୁର (ମୁଖ୍ୟ) | ଏହି ଷ୍ଟେସନରେ କେହି "S.W.O.-A" ସାଥି ନାହାନ୍ତି | |
| ୫ | କେନ୍ଦ୍ରାପଡା | ଏହି ଷ୍ଟେସନରେ କେହି "S.W.O.-A" ସାଥି ନାହାନ୍ତି | |
| ୬ | ପଞ୍ଚୁଗୋଛିଆ | ଏହି ଷ୍ଟେସନରେ କେହି "S.W.O.-A" ସାଥି ନାହାନ୍ତି | |
| ୭ | ପାରଳାଖେମୁଣ୍ଡି | ଏହି ଷ୍ଟେସନରେ କେହି "S.W.O.-A" ସାଥି ନାହାନ୍ତି | |

୮ଟି ଷ୍ଟେସନ/ଶାଖା ମଧ୍ୟରୁ ୫ଟି ଷ୍ଟେସନ/ଶାଖା ନିମିତ୍ତ ଆବେଦନ କରିବା ପାଇଁ ସେହି ଷ୍ଟେସନ/ଶାଖାଗୁଡିକରେ କୌଣସି "S.W.O.-A" ସାଥି ନ ଥିବାରୁ ସେହି ଷ୍ଟେସନ/ଶାଖାଗୁଡିକ ନିମିତ୍ତ କୌଣସି ଆବେଦନ ପତ୍ର ନ ଥିଲା । ଖାଲିରହୁଥିବା ଏହି ୫ଟି "SWO-B" ପଦବୀ ପୂରଣ ନିମିତ୍ତ ବ୍ୟାଙ୍କର ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆମ ରାଜ୍ୟ ସଙ୍ଗଠନ କ୍ଷେତ୍ରୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବୀ କରିଅଛି ।

| | | |
|---|---|---|
| *A. O. U. B. E. A.* | ଏ. ଓ. ୟୁ. ବି. ଇ. ଏ. | **BEFI ର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ**<br>..............................................<br>.............................. BRANCH |

ସଂଗ୍ରାମୀ ଅଭିବାଦନ ସହ ।

ଆପଣଙ୍କର

*ସାଧାରଣ ସମ୍ପାଦକ*

# ବ୍ୟାଙ୍କ୍ କର୍ମଚାରୀ ଓ ଅଫିସର୍ ଏକତା – ଜିନ୍ଦାବାଦ

Address-Gen. Secy,,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015